## ୧୦ମ ଶେଣୀ ଛାତ୍ରୀଙ୍କୁ ଅପହରଣ

ନବରଙ୍ଗପୁର,୧୩।୩(ବି.ପ୍ର.)

ନବରଙ୍ଗପୁର ଟିଲ୍ଲିଆମ୍ବଗୁଡ଼ା ନିକଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇଥିବା ଛାତ୍ରୀଙ୍କ ବାପା ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ୧୭ ତାରିଖରେ ଇତିହାସ ଓ ଭୂଗୋଳ ବିଷୟରେ ପରୀକ୍ଷା ରହିଛି। ତେଣୁ ଏକ୍ସଟ୍ରା କ୍ଲାସ୍ ପାଇଁ ଛାତ୍ରୀ ଜଣକ ସହପାଠିନୀ ସହ ବିଦ୍ୟାଳୟକୁ ଯାଇଥିଲେ । ଅପରାହ୍ନରେ କ୍ଲାସ୍ ସରିବା ପରେ ସ୍କୁଲରୁ ବାହାରିଥିଲେ। ଏହି ସମୟରେ କଳା ମୁଖା ପିନ୍ଧିଥିବା ଜଣେ ଯୁବକ ଛାତ୍ରୀଙ୍କ ହାତ ଟାଣି ବାଇକ୍‌ରେ ବସିବାକୁ କହିଥିଲେ। ନଚେତ୍ ମା’-ବାପାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଏଥିରେ ଛାତ୍ରୀ ଏବଂ ସହପାଠିନୀ ପ୍ରତିବାଦ କରବାରୁ ଦୁହିଁଙ୍କୁ ଧମକ ଦେଇଥିଲେ। ଏ ନେଇ ସହପାଠିନୀ ଅପହୃତା ଛାତ୍ରୀଙ୍କ ପରିବାରକୁ ଜଣାଇବା ପରେ ବାପା ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗୋଟିଏ ଦିନରେ ରୋକାଗଲା ୫ ବାଲ୍ୟବିବାହ

ପାପଡାହାଣ୍ଡି/ନନ୍ଦାହାଣ୍ଡି, ୧୩।୩(ଡି.ଏନ୍.ଏ.)

■ ସଚେତନତା ଅଭାବ ସହ କର୍ତ୍ତବ୍ୟ ସାଧନ ପାଇଁ ବାହା କରାଉଛନ୍ତି ମା’ବାପା
■ ମାସକରେ ବନ୍ଦ ହେଲାଣି ୧୨ ବିବାହ

ପ୍ରଶାସନର ତାଗିଦ ସତ୍ତ୍ୱେ ନବରଙ୍ଗପୁର ଜିଲାରେ ଥମୁନି ବାଲ୍ୟ ବିବାହ। ସଚେତନତା ଅଭାବ ଓ କର୍ତ୍ତବ୍ୟ ସାଧନ ପାଇଁ କମ୍ ବୟସରୁ ପିଲାମାନଙ୍କୁ ବିବାହ କରାଉଛନ୍ତି ମା’ ବାପା। କୌଣସି ଆପତ୍ତି ଅଭିଯୋଗ ନ ଥିବାରୁ ପ୍ରତେକ ଗ୍ରାମାଞ୍ଚଳରେ ଚାଲିଛି ଏହି ବାଲ୍ୟ ବିବାହ। ଶୁକ୍ରବାର କରାଯାଉଥିବା ୫ଟି ବାଲ୍ୟ ବିବାହକୁ ପ୍ରଶାସନ ରୋକିବାରେ ସଫଳ ହୋଇଛି। ପାପଡାହାଣ୍ଡି ବ୍ଲକରେ ୪ଟି ଓ ନନ୍ଦାହାଣ୍ଡି ବ୍ଲକରେ ଗୋଟିଏ ବାଲ୍ୟ ବିବାହକୁ ପ୍ରଶାସନ ପକ୍ଷରୁ ରୋକାଯାଇଛି। ବାଲ୍ୟ ବିବାହ ଅପରାଧ ବୋଲି ବିବାହ କରାଯାଉଥିବା ପିଲାମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରଶାସନିକ ଅଧିକାରୀମାନେ ବୁଝାଇଥିଲେ। ୧୮ ବର୍ଷ ପରେ ହିଁ ପିଲାମାନଙ୍କୁ ବିବାହ କରିବା ପାଇଁ ଏକ ଲିଖିତପତ୍ର ଗ୍ରହଣ କରିଛି।

ସୂଚନା ଅନୁଯାୟୀ ପାପଡାହାଣ୍ଡି ବ୍ଲକ ସିରିସି ପଞ୍ଚାୟତ



ବାଲ୍ୟବିବାହ ରୋକିବାକୁ ଅଧିକାରୀମାନେ ପାପଡାହାଣ୍ଡିରେ ସଚେତନ କରୁଛନ୍ତି।

ଏକୋରି ଗ୍ରାମର ନାବାଳକଙ୍କ ବିବାହ ଦାଡିଆଗୁଡାର ଜଣେ ନାବାଳିକାଙ୍କ ସହ କରାଯାଉଥିବା ଖବର ପାଇ ପ୍ରଶାସନ ସେଠାରେ ଚଢାଉ କରିଥିଲା। ଉଭୟ ଝିଅ ଓ ପୁଅଙ୍କ ବିବାହ ବୟସ ହୋଇ ନ ଥିବା ଜାଣିପାରି ପ୍ରଶାସନ ଉକ୍ତ ବିବାହ ରୋକିଥିଲା। ଦାଡିଆଗୁଡା ଗ୍ରାମର ଅନ୍ୟ ଜଣେ ନାବାଳକଙ୍କ ବିବାହ ୧୦ ଦିନ ପରେ ତେନ୍ତୁଳିଖୁଣ୍ଟି ବ୍ଲକରେ ହେବା ପାଇଁ ସ୍ଥିର ହୋଇଥିଲା। ପ୍ରଶାସନ ସେମାନଙ୍କୁ ଉକ୍ତ ବିବାହ ନ କରାଇବାକୁ ବୁଝାଶୁଝା କରିଥିଲା। ସେହିପରି ମୋକିଆ ଗ୍ରାମରେ ଜଣେ ନାବାଳିକାଙ୍କ ବିବାହ ଜଗଦଲପୁର ଅଞ୍ଚଳର ଜଣଙ୍କ ସହ ଚାଲିଥିଲା। ପ୍ରଶାସନ ସେଠାରେ ପହଞ୍ଚି ପଚରାଉଚରା କରିବା ବେଳେ ପରିବାର ଲୋକେ ଏହା ବିବାହ ଭୋଜି ନୁହେଁ ବୋଲି କହିଥିଲେ। ପରେ ଝିଅକୁ ପ୍ରଶାସନିକ ଅଧିକାରୀମାନେ ପଚାରିବାରୁ ତାର ବିବାହ କରାଯାଉଥିବା ସେ କହିବା ପରେ ଉକ୍ତ ବାହାଘରକୁ ରୋକାଯାଇଥିଲା। ୧୮ ବର୍ଷ ପରେ ଝିଅକୁ ଓ ୨୧ ବର୍ଷ ପରେ ହିଁ ପୁଅକୁ ବିବାହ କରାଇବା ପାଇଁ ଲିଖିତଭାବେ ପ୍ରଶାସନକୁ ପରିବାର ଲୋକେ ଦେଇଥିଲେ। ପ୍ରଶାସନ ପକ୍ଷରୁ ଚାଇଲ୍ଡ ଲାଇନ ଜିଲା କୋଅର୍ଡିନେଟର ରବୀନ୍ଦ୍ର ପ୍ରଧାନ, ସଭ୍ୟ ଗ୍ରେସି ଖରା, ଇନ୍ଦୁ ଗୌଡ଼, ସିଡିପିଓ ଗୀତା ରାଣି ସାହୁ, ପିଏଲ୍‌ଭି ସଭ୍ୟ ରାଜକିଶୋର ରାଓ, ନିଳ ବିଶୋଇ ଏହି ବିବାହ ସବୁକୁ ରୋକିଥିଲେ। ସେହିପରି ଚାଇଲ୍ଡ ଲାଇନର ଅନ୍ୟ ଏକ ଟିମ ନନ୍ଦାହାଣ୍ଡି ଯାଇ ଗୋଟିଏ ବିବାହ ରୋକିଥିବା ସୂଚନା ମିଳିଛି। ପ୍ରକାଶ ଯେ, ମାସକ ମଧ୍ୟରେ ନବରଙ୍ଗପୁର ଜିଲାରେ ପ୍ରଶାସନ ୩୧ଟି ବାଲ୍ୟ ବିବାହ ରୋକିବାରେ ସଫଳ ହୋଇଛି।

# ନାବାଳିକାଙ୍କୁ ଗଣବଳାତ୍କାର

ଜୟପୁର,୧୩।୩(ନି.ପ୍ର./ଡି.ଏନ.ଏ.)

■ ଧରାପଡ଼ିଲେ ୩ ଅଭିଯୁକ୍ତ
■ ୨ ଜଣ କୋର୍ଟ ଚାଲାଣ
■ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ହେଲେ ଅଭିଯୁକ୍ତ ନାବାଳକ

ଜୟପୁର ସଦର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କ ମଧ୍ୟରୁ ଜଣେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଛି। ଅନ୍ୟ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର କୁମ୍ଭାରସାହିର ଆକାଶ ନାୟକ (୨୦), କୁସୁମପୁଟର ତୁଷାର ହରିଜନ (୧୮)।

ପୋଲିସ ସୂତ୍ର ଅନୁଯାୟୀ, ଗତ ୧୦ ତାରିଖ ହୋଲି ଦିନ ଜୟପୁର ସଦର ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ୩ ଜଣ ଅଭିଯୁକ୍ତ ବାଇକରେ ଆସି କୁସୁମପୁଟ ନିକଟରୁ ବଳପୂର୍ବକ ବୁଦା ପାଖକୁ ଉଠାଇ ନେଇଥିଲେ। ସେଠାରେ ତାଙ୍କୁ ଗଣବଳାତ୍କାର କରାଯାଇଥିଲା। ଘଟଣା ପ୍ରଘଟ କଲେ ପରିଣାମ ଭୟାବହ ହେବ ବୋଲି ସେମାନେ ଧମକ ଦେଇଥିଲେ। ଏନେଇ ଗତ ୧୨ ତାରିଖରେ ଥାନାରେ ଏତଲା ଦିଆଯିବା ପରେ ଅଭିଯୋଗ ପାଇ ପୋଲିସ ଦଫା ୩୪୧/୩୨୩/୩୭୬- ଡି/୩୫୪-ବି/୫୦୬ ଆଇପିସି ଏବଂ ୬ ପୋକ୍ସୋ ଆକ୍ଟ ଅନୁସାରେ କେସ୍ ନଂ ୪୯/୨୦ରେ ମାମଲା ରୁଜୁ କରିଛି। କୋର୍ଟରେ ପୀଡ଼ିତା ନାବାଳିକାଙ୍କ ୧୬୪ ବୟାନ ରେକର୍ଡ଼ କରାଯାଇଛି।

# ଜିଲାର ଆର୍ଥିକ, ସାମାଜିକ ବିକାଶ ପାଇଁ ବିସ୍ତୃତ ରିପୋର୍ଟ ଦେବାକୁ ପରାମର୍ଶ



ନୀତି ଆୟୋଗ ବୈଠକରେ ପୂର୍ବତନ ଏମପି ବଳଭଦ୍ର ମାଝି ଜିଲାର ବିକାଶ କାର୍ଯ୍ୟକ୍ରମରେ ଆଲୋଚନା କରୁଛନ୍ତି ।

ନବରଙ୍ଗପୁର,୧୩।୩(ବି.ପ୍ର.)

■ ନୀତି ଆୟୋଗ ବୈଠକ
■ ଜିଲାରେ ଚାଲିଛି ବିକାଶ କାର୍ଯ୍ୟକ୍ରମ
■ ଆଉ ୩ ବର୍ଷ ଅବଧି ବଢ଼ାଇବାକୁ ଅନୁରୋଧ

ନବରଙ୍ଗପୁର ଜିଲାର ଆର୍ଥିକ ଓ ସାମାଜିକ ବିକାଶ ପାଇଁ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଦେବାକୁ ଦିଲ୍ଲୀଠାରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ପରାମର୍ଶ ଦିଆଯାଇଛି। ଜିଲାରେ ୧୨ କୃଷି ବୈଷୟିକ କେନ୍ଦ୍ର ମାଧ୍ୟମରେ ଯେଉଁ କାର୍ଯ୍ୟ ଚାଲିଛି, ତାହାର ଅବଧି ଆଉ ୩ ବର୍ଷ ବୃଦ୍ଧି କରିବାକୁ ବୈଠକରେ ଅନୁରୋଧ କରାଯାଇଥିଲା। ବୈଠକରେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ଆକାଂକ୍ଷା ଜିଲା ନିତୀ ଆୟୋଗ ନିର୍ଦ୍ଦେଶକ ସୌମିତ୍ର ମଣ୍ଡଳ, ନବରଙ୍ଗପୁର ଜିଲାପାଳ ଡ. ଅଜିତ୍ କୁମାର ମିଶ୍ର, ଆଇଏମ୍ଏମ୍‌ଟି ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ଡ. ସନ୍ତୋଷ କୁମାର ମିଶ୍ର, ଜନସମ୍ପର୍କ ଅଧିକାରୀ ବିଭୂତି ପ୍ରଧାନ, ପଦ୍ମଶ୍ରୀ କୁନୱଲ୍ ସିଂ ଚୌହାନ, ସୁପ୍ରିମକୋର୍ଟର ଆଇନଜୀବୀ ସାନୁଜ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ନବରଙ୍ଗପୁରର ପୂର୍ବତନ ଏମ୍‌ପି ବଳଭଦ୍ର ମାଝିଙ୍କ ଉଦ୍ୟମରେ ଜିଲାର ଆର୍ଥିକ ଓ ସାମାଜିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ୧୨ କୃଷି ବୈଷୟିକ ଅନୁସନ୍ଧାନ କେନ୍ଦ୍ରକୁ ନେଇ ପ୍ରଥମେ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଉନ୍ନତ କିସମ ଧାନ, ପରିବା, ଫଳ, ମାଛ, କୁକୁଡ଼ା, ବତକ ଚାଷ ସହ ଔଷଧିୟ ଓ ସୁଗନ୍ଧିତ ଫୁଲ ଚାଷ ଆଦି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଔଷଧିୟ ଓ ସୁଗନ୍ଧିତ ଫୁଲରୁ ତୈଳ ଉତ୍ପାଦନ, କନ୍ଦମୂଳ ଆଦିର ପ୍ରକ୍ରିୟାକରଣ ଉପରେ ବୈଷୟିକ କେନ୍ଦ୍ର ମାନଙ୍କରେ ଚାଷୀଙ୍କୁ ତାଲିମ ଦିଆଯିବାପରେ ତାହା ଜିଲାରେ କାର୍ଯ୍ୟକାରୀ ହୋଇଆସୁଛି। ଏହା ସମେତ କନ୍ଦମୂଳର ପ୍ରକ୍ରିୟାକରଣ ଲଭଦାୟକ ମୂଲ୍ୟରେ ବିକ୍ରୟ, ଫୁଲ, ତୁଳସୀ ପତ୍ରରୁ ନବରଙ୍ଗ ନାମରେ ଧୂପକାଠି ତିଆରି ଆଦି କାର୍ଯ୍ୟ ଏସ୍ଏଚ୍‌ଜିଙ୍କ ଦ୍ୱାରା କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଲେମନ୍‌ଗ୍ରାସ୍‌ରୁ ଚା’ ଗୁଣ୍ଡ ପ୍ରସ୍ତୁତି ଓ ତହାର ଲୋକାର୍ପଣ ହୋଇସାରିଛି। ଏହାଦ୍ୱାରା ଚାଷୀଙ୍କୁ ନୂତନ କୌଶଳ ମାଧ୍ୟମରେ ଚାଷ ପ୍ରଣାଳୀର ସୁଯୋଗ ମିଳିଛି। ଚାଷୀଙ୍କ ଆୟ ବୃଦ୍ଧି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହା ସମେତ ଧୂଆଁ ମୁକ୍ତ ଓ କମ୍ ଜାଳେଣି ବ୍ୟବହାର ଚୁଲା ପ୍ରସ୍ତୁତ କରାଯାଇ ବିତରଣ କରାଯାଇଛି। ବିଭିନ୍ନ ଅନୁଷ୍ଠାନ ଓ ଅଙ୍ଗନୱାଡି କେନ୍ଦ୍ର ମାନଙ୍କରେ ତହାର ବ୍ୟବହାର କରାଯାଉଛି। ଉନ୍ନତ ଗୁଡ଼ ପ୍ରସ୍ତୁତ ଭାଟି, ଧାନ ନଡ଼ାରୁ ଇନ୍ଧନ, ଚାରକୋଲ୍ ବ୍ୟବହାର କରିବା ଅନ୍ୟ ଏକ ଉଦ୍ଦେଶ୍ୟ ମଧ୍ୟ ରହିଥିବା ଜଣାପଡ଼ିଛି। ନବରଙ୍ଗପୁର ଜିଲାରେ ଜଳସେଚନର ବ୍ୟବସ୍ଥା କମ୍ ରହିଥିବାରୁ ସୌର ଶକ୍ତି ଓ ପ୍ରାକୃତିକ ପବନ ଚାଳିତକଳ ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ କରି ପାଣିର ଉପଯୁକ୍ତ ବ୍ୟବହାର ପାଇଁ ଉଦ୍ୟମ କରାଯିବ। ତେଣୁ ସମସ୍ତ କାର୍ଯ୍ୟକ୍ରମକୁ ଫଳପ୍ରଦ କରିବାକୁ ହେଲେ ଆହୁରି ୩ ବର୍ଷ ଆବଶ୍ୟକ। ଏ ନେଇ ଶୁକ୍ରବାର ବୈଠକରେ ଆଲୋଚନା କରାଯାଇଥିଲା। ଏହାଦ୍ୱାରା ଜିଲାରେ କୃଷି ଓ କୃଷକଙ୍କ ବିକାଶ ଘଟିବ ବୋଲି ପୂର୍ବତନ ଏମ୍‌ପି ମାଝି କହିଛନ୍ତି।

# ସଭାପତି, ସମ୍ପାଦକ ପାଇଁ ତ୍ରିମୁଖୀ ଲଢ଼େଇ

## ଜିଲା ଆଇନଜୀବୀ ସଂଘ ନିର୍ବାଚନ

ଜୟପୁର,୧୩।୩(ଡି.ଏନ୍.ଏ.)

ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘ ନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନପତ୍ର ପ୍ରତ୍ୟାହାରର ଅନ୍ତିମ ଦିବସ ଥିଲା। ସଭାପତି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ଦାଶରଥୀ ପଟ୍ଟନାୟକ ନିଜର ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ଫଳରେ ସଭାପତି ପଦବୀ ପାଇଁ ବର୍ତ୍ତମାନର ସରୋଜ ଦାଶ ଓ ସୁଧିର ତ୍ରିପାଠୀଙ୍କ ମଧ୍ୟରେ ଲଢ଼େଇ ହେବ। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ପଦବୀ ପାଇଁ ବର୍ତ୍ତମାନର ସଂପାଦକ ରବୀନ୍ଦ୍ର ମହାପାତ୍ର ଓ ତେଜେଶ୍ୱର ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଉପସଭାପତି ପଦବୀ ପାଇଁ ବର୍ତ୍ତମାନର ଉପସଭାପତି ଶରତ ମାଝି, ସୁନୀଲ ପଟ୍ଟନାୟକ, କିଶୋର ମିଶ୍ର, କେ.ଏମ୍. ଖଲୀଦ, ସହସଂପାଦକ ପାଇଁ ବର୍ତ୍ତମାନର ସଂପାଦକ ଗିରିଧର ଖରା ଓ ଗଙ୍ଗାଧର ନାୟକ, କୋଷାଧ୍ୟକ୍ଷ ପଦବୀ ପାଇଁ ବର୍ତ୍ତମାନର କୋଷାଧ୍ୟକ୍ଷ ହରିଶ ମୁଦୁଲି ଓ ଗୋପବନ୍ଧୁ ସାନ୍ତ୍ରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ୭ଟି କାର୍ଯ୍ୟକାରୀ କମିଟିର ସଦସ୍ୟ ପାଇଁ ୮ ଜଣ ମୀନକେତନ ପରିଚ୍ଛା, ଶୈଳଶ ମାଦାଳ, କେ. ଅରୁଣ ଆଚାରୀ, ପି. ଜଗଦୀଶ୍ୱର ପ୍ରସାଦ, ନବୀନ ସାହୁ, ଲିଭିଙ୍ଗଷ୍ଟୋନ ଖୋସ୍ଲା, ଏସ୍ ସୁରେଶ କୁମାର, କାହ୍ନୁଚରଣ ମିଶ୍ରଙ୍କ ମଧ୍ୟରେ ଲଢ଼େଇ ହେବ। ଆସନ୍ତା ଶନିବାର ନିର୍ବାଚନ ପାଇଁ ସମସ୍ତ ପ୍ରାର୍ଥୀଙ୍କ ନାମ ବିଧିବଦ୍ଧ ଭାବେ ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ତଥା ଆଇନଜୀବୀ ଶଶାନନ୍ଦ ମିଶ୍ର ପ୍ରକାଶ କରିଛନ୍ତି।

# ବରଯାତ୍ରୀ ଗାଡ଼ି ଓଲଟି ୧୦ ଆହତ



ଦୁର୍ଘଟଣାଗ୍ରସ୍ତ ବରଯାତ୍ରୀ ଗାଡି ।

ନନ୍ଦାହାଣ୍ଡି,୧୩।୩(ଡି.ଏନ୍.ଏ.)

ଏକ ବରଯାତ୍ରୀ ଗାଡ଼ି ଓଲଟି ଶୁକ୍ରବାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଚିକିଲି ଗାଁର ୧୦ ଯାତ୍ରୀ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗାଁରୁ ୨୦ ଯାତ୍ରୀ ଏକ ଚାରିଚକିଆ ଗାଡ଼ି(ଓଡ୨୪ଡି-୫୧୦୬)ଯୋଗେ ନନ୍ଦାହାଣ୍ଡି ବ୍ଲକ୍ ସରୁଗୁଡ଼ା ଗ୍ରାମକୁ ଯାଉଥିଲେ। ତେବେ ଗାଁ ପୂର୍ବରୁ ଏକ ବୁଲାଣି ରାସ୍ତାରେ ଗାଡ଼ି ଓଲଟିପଡ଼ିଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କ ହାତ ଭାଙ୍ଗିଥିବାବେଳେ ୯ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଜିଲା ସଦର ମହକୁମା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

# ଅଙ୍ଗନୱାଡି ଶିଶୁଙ୍କ ସେବାରେ ଦିବ୍ୟାଙ୍ଗ ଝୁମୁକଲାଲ୍

## ଟ୍ରାଇସାଇକେଲ୍‌ରେ କରନ୍ତି ପିଲାଙ୍କୁ ନେବା ଆଣିବା

ଚନ୍ଦାହାଣ୍ଡି,୧୩।୩(ଡି.ଏନ.ଏ.)

ଝୁମୁକଲାଲ୍ ମାଝି। ଟ୍ରାଇସାଇକେଲ୍ ବିନା କୌଣସି ସ୍ଥାନକୁ ଯାଇପାରନ୍ତିନି। ହେଲେ ଶିଶୁମାନଙ୍କ ପ୍ରତି ତାଙ୍କର ରହିଛି ବିଶେଷ ଦୁର୍ବଳତା। ତେଣୁ ଦିବ୍ୟାଙ୍ଗ ହୋଇ ମଧ୍ୟ ସେ ନିଜକୁ ଅଙ୍ଗନୱାଡ଼ି କେନ୍ଦ୍ରର କୋମଳମତି ଶିଶୁଙ୍କ ସେବାରେ ନିୟୋଜିତ କରିଛନ୍ତି।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଦଳବେଡ଼ା ପଞ୍ଚାୟତ ଅଧୀନ ଅଣ୍ଟିପଡ଼ା ଗାଁ ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରି ସ୍କୁଲ ଛାତ୍ରୀଛାତ୍ରଙ୍କୁ ସେ ପ୍ରତ୍ୟେକଦିନ ସ୍କୁଲ ନେବା ଆଣିବା କରନ୍ତି। ସାହି ଗଳି ବୁଲି ସେ ପିଲାଙ୍କୁ ନିଜ ଟ୍ରାଇସାଇକେଲରେ ବସାଇ ସ୍କୁଲରେ ଛାଡ଼ିଥାନ୍ତି। ଏହା ଝୁମୁକଲାଲ୍‌ଙ୍କ ନିତିଦିନିଆ କାମ। ଗାଡି ମୋଟର ଚଳାଚଳ ଯୋଗୁ ରାସ୍ତାରେ ଦୁର୍ଘଟଣା ଓ ବୁଲା କୁକୁର କାମୁଡ଼ିବା ଭଳି ଘଟଣା ଘଟୁଛି। ତେଣୁ ପିଲାଙ୍କ ସୁରକ୍ଷା ପାଇଁ ଝୁମୁକଲାଲ୍ ନେଇଛନ୍ତି ଏହି ଦାୟିତ୍ୱ। ରାସ୍ତାରେ ପିଲାଙ୍କୁ ସେ ଗପ କହି ନେଉଥିବାବେଳେ ସେମାନେ ମଧ୍ୟ



ଝୁମୁକଲାଲ ଟ୍ରାଇସାଇକେଲ ପିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ନେଉଛନ୍ତି ।

ଝୁମୁକଲାଲ୍‌ଙ୍କୁ ଦାଦା, ବଡୁ, ଜେଜେ ଆଦି ନାମରେ ଡାକିଥାନ୍ତି। ଏହା ତାଙ୍କୁ ଅଧିକ ଖୁସି ଦେଇଥାଏ ବୋଲି ଝୁମୁକଲାଲ୍ କୁହନ୍ତି। ସ୍ୱାସ୍ଥ୍ୟ ଖରାପ ହେଲେ ଦିନେ ନ ଦେଖିଲେ ପିଲାମାନେ ତାଙ୍କ ଘରକୁ ଯାଇ ଦେଖି ଆସନ୍ତି। ଝୁମୁକଲାଲ୍ ଓ ପିଲାଙ୍କ ସମ୍ପର୍କକୁ ନେଇ ସମସ୍ତେ ପ୍ରଶଂସା କରନ୍ତି। ଅଙ୍ଗନୱାଡ଼ି କର୍ମୀ ଜୟମଣି ମାଝି ମଧ୍ୟ ଝୁମୁକଲାଲ୍‌ଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂଶା କରିଛନ୍ତି। ସେମାନଙ୍କ ସେବାରେ ଲାଗିବା ମୋତେ ଆତ୍ମତୃପ୍ତି ଦେଇଥାଏ ବୋଲି ସେ କୁହନ୍ତି।

# ଦୁଇ ବସ୍‌ରୁ ୨୬ ଶ୍ରମିକ ଉଦ୍ଧାର

ଜୟପୁର,୧୩।୩(ଡି.ଏନ୍.ଏ./ନି.ପ୍ର.)

କୋରାପୁଟ ଜିଲା ଶ୍ରମ ବିଭାଗ ପକ୍ଷରୁ ପୋଲିସ ସହାୟତାରେ ଜୟପୁର ବସଷ୍ଟାଣ୍ଡସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ହାଇଦ୍ରାବାଦ ଯାଉଥିବା ୨ଟି ଘରୋଇ ବସରୁ ୨୬ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଏହି ଶ୍ରମିକଙ୍କ ମଧ୍ୟରୁ ୧୪ ଜଣ ନବରଙ୍ଗପୁର, ୨ ଜଣ କଳାହାଣ୍ଡି ଏବଂ ୧୦ ଜଣ ପଡ଼ୋଶୀ ଛତିଶଗଡ଼ର ବାସିନ୍ଦା ଅଟନ୍ତି । ସମସ୍ତ ଶ୍ରମିକ ନିଜ ମୁତାବକ ଆନ୍ଧ୍ରପ୍ରଦେଶର ବିଭିନ୍ନ ଇଟାଭାଟି ଓ ଅନ୍ୟ କାର୍ଯ୍ୟସ୍ଥଳୀକୁ କାମ ପାଇଁ ଯାଉଥିବା କହିଛନ୍ତି। କୌଣସି ଦଲାଲ କିମ୍ବା ମଧ୍ୟସ୍ଥ ସେମାନଙ୍କୁ ନେଉ ନ ଥିବେ। ସେମାନେ ଜଣାଇଛନ୍ତି। ସେହିପରି ନବରଙ୍ଗପୁର ଜିଲା ଶ୍ରମ ବିଭାଗକୁ ସୂଚନା ଦିଆଯାଇଛି। ସମସ୍ତ କାଗଜପତ୍ର ଓ ଶ୍ରମ ବିଭାଗ ପଞ୍ଜିକରଣ ହୋଇଛି କି ନା, ତାହାର ଯାଞ୍ଚ ପରେ ସେମାନଙ୍କୁ ଛଡ଼ାଯିବ। ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଶ୍ରମ ଅଧିକାରୀ ଏମ୍. ଶୋଭାସୁନ୍ଦର, ଶ୍ରମ ନିରୀକ୍ଷକ ପୂର୍ଣ୍ଣିମା ଡୁରୁକା ଓ ଅନ୍ୟ ଶ୍ରମ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଟ୍ରେନି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ପୋଲିସ ଦଳ ଉପସ୍ଥିତ ଥିଲେ।

# ମଣ୍ଡିରେ ଧାନ ବିକ୍ରି ପରେ ମିଳୁନି ଟୋକନ

ପାପଡ଼ାହାଣ୍ଡି/ମଇଦଲପୁର, ୧୩।୩(ଡି.ଏନ୍.ଏ.)

■ ଚିନ୍ତାରେ ଚାଷୀ
■ ଅଭିଯୋଗ ପରେ ବି ନିଆଯାଉନି କାର୍ଯ୍ୟାନୁଷ୍ଠାନ

ଚାଷୀ ବର୍ଷକର ଅମଳ ଧାନ ମଣ୍ଡିରେ ଦେଲେ। ହେଲେ ମାସ ପରେ ବି ମିଳୁନି ଟୋକେନ। ଯଦ୍ୱାରା ଧାନ ବାବଦକୁ ଟଙ୍କା ବ୍ୟାଙ୍କ ଖାତାରେ ଜମା ହେଉନାହିଁ। ଏହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଲ୍ୟାମ୍ପ୍‌ସ ଚୁପ୍ ରହିଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମଇଦଲପୁର ଲ୍ୟାମ୍ପ୍‌ସ ଅଧୀନ ଆଉଁଳି ଗ୍ରାମରୁ ଆସିଛି ଏପରି ଅଭିଯୋଗ। ଚାଷୀ ପରମେଶ ନାୟକ ମଣ୍ଡିରେ ଧାନ ଦେଇ ଟୋକନ୍ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେ ମଇଦଲପୁର ଲ୍ୟାମ୍ପ୍‌ସ ଅଧିକାରୀଙ୍କୁ ଲିଖିତଭାବେ ଅଭିଯୋଗ କହିଛନ୍ତି। ଅଭିଯୋଗ ପ୍ରକାରେ, ପରମେଶଙ୍କ ମୋବଇଲକୁ ଗତ ଫେବୃୟାରୀ ୧୩ରେ ମଣ୍ଡିରେ ଧାନ ବିକ୍ରି ପାଇଁ ମେସେଜ୍ ଆସିଥିଲା। ଏ ନେଇ ସେ ମଇଦଲପୁର ଲେମ୍ପସରେ ୧୫ ତାରିଖ ଦିନ ଟୋକନ ପ୍ରଦାନ କରାଯାଇଥିଲା। ମଣ୍ଡିରେ ସେ ୮୫.୧୫ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଥିଲେ। ତେବେ କୌଣସି କାରଣ ବଶତଃ ଉକ୍ତଦିନ ଚାଷୀଙ୍କ ଧାନ ନ ଉଠି ୧୯ରେ ଉଠିଥିଲା। ମିଲର୍ ଆସି ଧାନ ନେଇଥିଲେ। ଏହାପରେ ପରମେଶ ସ୍କାନିଂ ପାଇଁ ଲ୍ୟାମ୍ପ୍‌ସ ଯାଇଥିବାବେଳେ ଦାଇତ୍ୱରେ ଥିବା ଅଧିକାରୀ ତାଙ୍କ ଟୋକନ୍ ଡିଲିଟ୍ ହୋଇଯାଇଥିବା କହିଥିଲେ। ପୁର୍ନବାର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଟୋକନ ମିଳିବ ବୋଲି ସେଠାରେ କୁହାଯାଇଥିଲା। ହେଲେ ସେ ଦୈନିକ ଲ୍ୟାମ୍ପ୍‌ସ ଯାଇ ନୟାନ୍ତ ହେଉଥିବାବେଳେ ମାର୍ଚ୍ଚ ୨ରେ ଅଧିକାରୀମାନେ ଆମ ହାତରେ କିଛି ନାହିଁ କହି ହାତ ଟେକିଦେବା ସହ ଉପରିସ୍ଥ ଅଧକାରୀଙ୍କୁ ଯୋଗାଯୋଗ କର ବୋଲି କହିଥିଲେ। ଉକ୍ତ ଦିନ ମଣ୍ଡିରେ ଧାନ ଦେଇଥିବା ଅନ୍ୟ ଚାଷୀଙ୍କ ଟଙ୍କା ଖାତାରେ ଜମା ହୋଇଥିବାବେଳେ ପରମେଶଙ୍କୁ ଟୋକନ ମିଳି ନ ଥିବାରୁ ସେ ଚିନ୍ତାରେ ପଡ଼ିଛନ୍ତି। ଶୁକ୍ରବାର ଏ ନେଇ ପରମେଶ ଲ୍ୟାମ୍ପ୍‌ସ ଏମଡିଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏମଡି ଏ ନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଇବେ ବୋଲି କହି ପଠାଇଦେଇଥିବା ସେ କହିଛନ୍ତି।

# ମା’-ବାପାଙ୍କ ମୃତ୍ୟୁ ପରେ ଭଉଣୀ ଭାଇ ବେସାହାରା

ଦଶମନ୍ତପୁର,୧୩।୩(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ଅଙ୍ଗାରଗୁଡ଼ାରେ ଦୁଇ ଭଉଣୀ, ଭାଇ ମା’-ବାପାଙ୍କ ମୃତ୍ୟୁ ପରେ ଏବେ ବେସାହାରା ହୋଇପଡ଼ିଛନ୍ତି। ସେମାନେ ହେଲେ ମୃତ ଲିମଦାଶ ଜାନୀ ଓ ସ୍ତ୍ରୀ ରୁକମଣି ଜାନୀଙ୍କ ବଡ଼ ଝିଅ ମୋତି ଓ ପୁଅ ଦୁକୁ (୧୧)। ମୋତିଙ୍କୁ ୬ ବର୍ଷ ହୋଇଥିବା ବେଳେ ପିତା ଲିମଦାଶ ଅଜଣା ରୋଗରେ ଆକ୍ରାନ୍ତ ହୋଇ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାସାଧିକ କାଳ ଚିକିତ୍ସିତ ହେବା ପରେ ଆଖି ବୁଜିଥିଲେ। ସେତେବେଳେ ପୁଅ ଦୁକୁ ଜନ୍ମ ହେବାର ମାତ୍ର ୮ ଦିନ ହୋଇଥାଏ। ବାପାଙ୍କୁ ଦେଖି ଚିହ୍ନିବା ଓ ତାଙ୍କ ସ୍ନେହ ପାଇବା ପୂର୍ବରୁ ସେ ଆରପାରିକୁ ଚାଲିଗଲେ। ଏହାପରେ ସ୍ତ୍ରୀ ରୁକମଣିଙ୍କ ମୁଣ୍ଡରେ ୩ ପ୍ରାଣୀ କୁଟୁମ୍ବର ବୋଝ ପଡ଼ିଥିଲା। ୮ ଦିନର ଶିଶୁକୁ ନିଜ ପିଠି ପଛରେ ବାନ୍ଧି ଗାଁରେ କୁଲି କରି ବହୁ କଷ୍ଟରେ ଅର୍ଥ ରୋଜଗାର କରି ସମସ୍ତଙ୍କ ପେଟକୁ ଦାନା ଦେଉଥିଲେ ରୁକମଣି। ପୁଅ ଦୁକୁ ଗାଁ ନିକଟସ୍ଥ ଖଜୁରିଗୁଡ଼ା ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢ଼ିବା ବେଳକୁ ଗତ ୧ ତାରିଖ ଅସୁସ୍ଥ ଥାଇ ଆଖି ବୁଜିଛନ୍ତି ରୁକମଣି। ଫଳରେ ଦୁଇ ଝିଅ, ପୁଅ ଏବେ ମା’-ବାପାଛେଉଣ୍ଡ ହେବା ସହ ବେସାହାରା ପାଲଟି ଯାଇଛନ୍ତି। ଗାଁ ଲୋକେ ଅର୍ଥ ଆଦାୟ କରି ଶବଦାହ କରିଛନ୍ତି। ଉଭୟ ଭଙ୍ଗା ଦଦରା ଘରେ କେମିତି ଚଳିବେ, ତାହା ଏବେ ବଡ଼ ପ୍ରଶ୍ନ। ପ୍ରଶାସନ ଏମାନଙ୍କୁ ସହଯୋଗର ହାତ ବଢ଼ାଇବାକୁ ଦାବି ହୋଇଛି।



ଘର ଆଗରେ ମା’ ବାପା ଛେଉଣ୍ଡ ମୋତି ଓ ଦୁକୁ ।

**ସଂକ୍ଷେପରେ**

## ଟ୍ରାଫିକ ଜାମରେ ଫସିଲା ଆମ୍ବୁଲାନ୍ସ



ଟିକିରି, ୧୩।୩(ଡ଼ି.ଏନ.ଏ)-ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ମୁଖ୍ୟରାସ୍ତାରେ ମନଇଚ୍ଛା ଗାଡି ପାର୍କିଂ କରାଯାଉଥିବାରୁ ବହୁ ସମୟରେ ରାସ୍ତା ଜାମ ସୃଷ୍ଟି ହେଉଛି । ଶୁକ୍ରବାର ଟିକିରି ସାପ୍ତାହିକ ହାଟ ଥିବା ଯୋଗୁ ବେଶି ଜନଗହଳି ରହିବା ସହ ଯାନବାହାନ ମଧ୍ୟ ଜାମ ହେଉଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଶୁକ୍ରବାର ଏହି ଟ୍ରାଫିକ୍ ଜାମରେ ଗୋଟିଏ ଆମ୍ବୁଲାନ୍ସ ବହୁ ସମୟ ଧରି ଫସି ରହିଥିଲା ।

## ପୁଷ୍ଟି ବଗିଚା କାର୍ଯ୍ୟକ୍ରମ



ଚନ୍ଦ୍ରପୁର, ୧୩।୩(ଡି.ଏନ୍.ଏ.): ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡିବାଲି ପଞ୍ଚାୟତ ଅଧୀନ ବ୍ରାହାଗାଡ଼ା ଗ୍ରାମରେ ଓଡ଼ିଶା ଜୀବିକା ମିଶନ ତରଫରୁ ଦୁଇଟି ପୃଥକ୍ ପୃଥକ୍ ସ୍ଥାନରେ ପୁଷ୍ଟି ବଗିଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଅଳ୍ପ ପରିଶ୍ରମରେ ବିଭିନ୍ନ ପ୍ରକାରର ଫସଲ କିପରି ହୋଇପାରିବ ସେନେଇ ଗ୍ରାମବାସୀଙ୍କୁ ସଚେତନତା କରାଯାଉଛି ବୋଲି ବ୍ଲକର ବିପିଏମ୍ ଶ୍ରବଣ କୁମାର ସିଂ କହିଛନ୍ତି । ଏଥିସହ ଅଳ୍ପ ଜାଗାରେ ଜୈବିକ ପଦ୍ଧତିରେ ପନିପରିବା ଚାଷ ତଥା ଲାଉ, କାକୁଡି, ଭାଜିଶାଗ, କଲମି ଶାଗ, ବୋଇତାଳୁ, ମୂଳା, ଲଙ୍କା, ବାଇଗଣ, ଧନିଆ ଆଦି ପନିପରିବା ଚାଷ କରିବା ପାଇଁ କୁହାଯାଇଥିଲା । ସେହିପରି ଗାଈ କ୍ଷୀର ସହ ଛେଳିକ୍ଷୀରକୁ ପାନୀୟ ହିସାବରେ ବ୍ୟବହାର କରିବା ପାଇଁ ସଚେତନ କରାଯାଇଥିଲା । ଏଥିରେ କୃଷି ମିତ୍ର ମିଲି ବ୍ରେଡେକା ଏବଂ ଓଡ଼ିଶା ଜୀବିକା ମିଶନର ବହୁ କର୍ମଚାରୀ ଉପସ୍ଥିତ ରହି ବୈଠକ ମାଧମରେ ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ । ଗୁରୁବାର ଓଡ଼ିଶା ଜୀବିକା ମିଶନର ଜିଲା ପ୍ରୋଜେକ୍ଟ ମ୍ୟାନେଜର ହେମନ୍ତ ବାଗ, ବ୍ଲକ ବିପିଏମ୍ ଶ୍ରବଣ ସିଂ, ଏମ୍‌ବିକେ, ରାଣୀ ପ୍ରତିକା, ପୂର୍ବତନ ସରପଞ୍ଚ ସୁନାମଣି ପ୍ରତିକା ପ୍ରମୁଖ ଉକ୍ତ ପୁଷ୍ଟି ବଗିଚା ବୁଲି ଦେଖିଥିଲେ । ଦ୍ରାହାଗାଡାରେ ପୁଷ୍ଟି ବଗିଚା କରି ଗ୍ରାମବାସୀମାନଙ୍କୁ ପନିପରିବା ଚାଷ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଗୁଣୁପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ପରାମର୍ଶ ଦେଇଥିଲେ ବୋଲି ବିପିଏମ୍ ସିଂ କହିଥିଲେ ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ନେଇ ଆବେଦନ

ଗୁଡ଼ାରୀ, ୧୩।୩(ଡ଼ି.ଏନ.ଏ)- ଗୁଡ଼ାରୀ ବ୍ଲକର କର୍ଲାଘାଟି ପଞ୍ଚାୟତ ସରପଞ୍ଚ ଅଲେଖଚନ୍ଦ୍ର ହିକାବାଡ଼ିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ନିମନ୍ତେ ପଞ୍ଚାୟତର ୧୦ ୱାର୍ଡ଼ସଭ୍ୟ ଶୁକ୍ରବାର ଗୁଡ଼ାରୀ ବିଡ଼ିଓ ନୃସିଂହଚରଣ ସେଠୀଙ୍କୁ ଏକ ଆବେଦନପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ମନମୁଖୀ କାର୍ଯ୍ୟ କରିବା ସହ ୱାର୍ଡ଼ସଭ୍ୟମାନଙ୍କ ସହିତ କୌଣସି କ୍ଷେତ୍ରରେ ଯୋଗସୂତ୍ର ରକ୍ଷା କରୁ ନାହାନ୍ତି । ତେଣୁ ତାଙ୍କ ବିରୋଧରେ ୱାର୍ଡ଼ସଭ୍ୟମାନେ ଅନାସ୍ଥା ନେଇ ଆବେଦନ କରିଛନ୍ତି । ଏହା ନିୟମାନୁଯାୟୀ କାର୍ଯ୍ୟକାରୀ କରାଯିବ ବୋଲି ବିଡ଼ିଓ ସେଠୀ ପ୍ରକାଶ କରିଛନ୍ତି ।

# ରାଜ୍ୟ ସରକାରଙ୍କ ବିଫଳତା ଦାୟୀ

**ବ୍ରାହାଗଡ଼ାରେ ଶିଶୁ ଅପପୁଷ୍ଟି ପ୍ରସଙ୍ଗରେ ବର୍ଷିଲେ ହେମା**

ଗୁଣପୁର, ୧୩।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡିବାଲି ପଞ୍ଚାୟତ ବ୍ରାହାଗଡ଼ା ଗାଁରେ ୬ ମାସର ଶିଶୁ ଅପପୁଷ୍ଟିର ଶିକାର ହେବା ପରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛନ୍ତି କୋରାପୁଟର ପୂର୍ବତନ ଏମ୍‌ପି ତଥା ଗୁଣପୁରର ପୂର୍ବତନ ବିଧାୟିକା ହେମା ଗମାଙ୍ଗ । ଶୁକ୍ରବାର ଗୁଣପୁର ପୂର୍ତ୍ତବିଭାଗ ବଙ୍ଗଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ବ୍ରାହାଗଡ଼ାକୁ ଦ୍ୱିତୀୟ ନଗଡ଼ା ବୋଲି ଚିତ୍ରଣ କରିଛନ୍ତି। ଖାଦ୍ୟ ଅଭାବରୁ ମା'ର ମୃତ୍ୟୁ ହୋଇଥିବା ବେଳେ ୬ ମାସର ଶିଶୁ ଅପପୁଷ୍ଟିର ଶୀକାର ହୋଇଛି। ତାହାର ଦେଖାଶୁଣା କରିବା ପାଇଁ ଅର୍ଥ ବାଧକ ସାଜିଛି। ବାପା ଗରିବ ଶ୍ରେଣୀର ହୋଇଥିବା ବେଳେ ଅପପୁଷ୍ଟି ଆକ୍ରାନ୍ତ ଶିଶୁର ଲାଳନପାଳନ କରୁଛନ୍ତି ଜେଜେମା'। ଚିକିତ୍ସା ପାଇଁ ତାକୁ କଟକ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ଆୟ ପ୍ରମାଣପତ୍ର ଓ ୪୦ ହଜାର ଟଙ୍କା ମଗାଯାଇଥିଲା। ଏତେ ଟଙ୍କା ଦେବା ସମ୍ଭବ ନ ଥିବାରୁ ସେମାନେ ଗାଁକୁ ଫେରିଆସିଥିବା ହେମା ଅଭିଯୋଗ କରିଛନ୍ତି।



ଖବରଦାତା ସମ୍ମିଳନୀରେ ହେମାଙ୍କ ସହ ଅନ୍ୟମାନେ ।

ରାଜ୍ୟ ସରକାରଙ୍କ ବିଫଳତାକୁ ଦାୟୀ କରି ହେମା କହିଛନ୍ତି, ବ୍ରାହାଗଡ଼ା ଗାଁରେ ୨୨ଟି ପରିବାର ରହୁଛନ୍ତି। ଆଇଟିଡିଏ ଅଧୀନରେ ବିପୁଳ ଅନୁଦାନ ଖର୍ଚ୍ଚ ହେଉଥିଲେ ମଧ ଅଞ୍ଚଳର ବିକାଶ ସମ୍ଭବ ହୋଇପାରିନାହିଁ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧୀନରେ ଏଠାରେ କାମ ହୋଇଛି। କିନ୍ତୁ କେନ୍ଦ୍ରର ଅନ୍ୟ କୌଣସି କଲ୍ୟାଣକାରୀ ଯୋଜନା ଗାଁରେ ପହଞ୍ଚ ପାରୁନାହିଁ। ଏଠାରେ ପାନୀୟ ଜଳର ବ୍ୟବସ୍ଥା ନାହିଁ କି ଅଚଳ ନଳକୂପ ମରାମତି କରାଯାଇପାରୁନି। ବିଦ୍ୟୁତ ବ୍ୟବସ୍ଥା ନାହିଁ। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ମାତୃ ଓ ଶିଶୁ ସମ୍ବନ୍ଧୀୟ କୌଣସି ଯୋଜନା କାର୍ଯ୍ୟକାରୀ ହେଉନାହିଁ। ବ୍ରାହାଗଡ଼ା ଗାଁ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ। ସ୍ଥାନୀୟ ବିଧାୟକଙ୍କଠାରୁ ଆରମ୍ଭ କରି ରାଜ୍ୟସଭା ସଦସ୍ୟ ବିଜେଡିର ହୋଇଥିବା ବେଳେ ସେମାନଙ୍କ ସରକାର କିମ୍ବା ଲୋକ ପ୍ରତିନିଧି କିପରି ଜାଣିପାରୁ ନାହାନ୍ତି, ସେହି ପ୍ରଶ୍ନ ଉଠାଇଛନ୍ତି ହେମା। ଲୋକଙ୍କ ପାଖରେ ଯୋଜନା ପହଞ୍ଚିବା ପରିବର୍ତ୍ତେ ଦୁର୍ନୀତି ଓ ପିସି କାରବାର ବଢ଼ିଛି। ପ୍ରଶାସନ ଏହାର ସମାଧାନ ନ କଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ହେମା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପାର ଗୋପାଳକୃଷ୍ଣ ଦେଓପାତ୍ର, ଫାଲଗୁନି ଶବର ଉପସ୍ଥିତ ଥିଲେ। ଏନେଇ ଗୁଣପୁର ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମବନ୍ଦର କହିଛନ୍ତି, ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁର ଚିକିତ୍ସା ଚାଲିଛି। ପରେ କଟକ ବଡ଼ମେଡିକାଲ ନେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସମସ୍ତ ସହାୟତା ଯୋଗାଇ ଦିଆଯିବ। ମା'ର ମୃତ୍ୟୁ ପରେ ଶିଶୁ ମା' କ୍ଷୀର ନ ପାଇବା ଓ ବାପାଙ୍କଠାରୁ ସଠିକ ଲାଳନପାଳନ ନ ମିଳିବା ଦ୍ୱାରା ଏପରି ହୋଇଛି। ତୁରନ୍ତ ସେହି ଗାଁରେ ବିଦ୍ୟୁତ ଓ ପାନୀୟ ଜଳ ବ୍ୟବସ୍ଥା କରାଯିବ ବୋଲି ଉପଜିଲାପାଳ କହିଛନ୍ତି।

## ମଝିଘରିଆଣୀ ମନ୍ଦିର ସୁରକ୍ଷା ନେଇ ଦାବିପତ୍ର



ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାୟଗଡ଼ା ଅଫିସ, ୧୩।୩

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରର ସିଂହଦ୍ୱାର ସୁରକ୍ଷା ପାଇଁ ଯୁବ ବିକାଶ ପରିଷଦ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେ଼ପୁଟି କଲେକ୍ଟର ନାରାୟଣ ମିଶ୍ରଙ୍କୁ ପ୍ରଦାନ କରାଯାଇଛି । ପ୍ରଶାସନର ଅବହେଳା ଏବଂ ରାଜନୈତିକ ଦଳର ଇଚ୍ଛାଶକ୍ତି ଅଭାବରୁ ରେଳ ବିଭାଗ ଜାଗାରେ ଥିବା ମଝିଘରିଆଣୀ ମା'ଙ୍କ ସିଂହଦ୍ୱାର ଭାଙ୍ଗିବାକୁ ରେଳ ବିଭାଗ ନିଷ୍ପତ୍ତି ନେଇଛି । ଏହାକୁ ଯୁବ ବିକାଶ ପକ୍ଷରୁ ବିରୋଧ କରାଯାଇଛି । ରେଳ ବିଭାଗର ପ୍ରାୟ ୬ ଏକର ଜମିରେ ମଝିଘରିଆଣୀ ମନ୍ଦିର ରହିଛି । ଏଭଳି କ୍ଷେତ୍ରରେ ଜିଲା ପ୍ରଶାସନ ରେଳ ବିଭାଗକୁ ଯେ କୌଣସି ସ୍ଥାନରେ ୧୨ ଏକର ଜାଗା ଦେବ ବୋଲି ଆଲୋଚନା କରାଯାଇଥିଲା । କିନ୍ତୁ ଆଦ୍ୟାବଧି ତାହା ସଫଳ ହୋଇନାହିଁ । ମନ୍ଦିରରେ ବର୍ଷକୁ ପ୍ରାୟ ୨ କୋଟି ଟଙ୍କା ଦାନ ଆକାରରେ ମିଳୁଛି, ଉକ୍ତ ଟଙ୍କାକୁ ମଝିଘରିଆଣୀ ମନ୍ଦିରର ସୁରକ୍ଷା ନେଇ ବ୍ୟବହାର କରାଯାଉ । ଏଥିସହିତ ମା'ଙ୍କ ଅଳଙ୍କାର ବିଷୟରେ ସାର୍ବଜନୀନ କରାଯାଉ ବୋଲି ଦାବି କରିଛନ୍ତି। ଆଗାମୀ ୭ ଦିନ ଭିତରେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମନ୍ଦିର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ, ନହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି । ଦାବିପତ୍ର ଦେବା ସମୟରେ ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାଶଙ୍କ ସମେତ ଶତାଧିକ ଯୁବକ ଉପସ୍ଥିତ ଥିଲେ ।

# ଜିଆଇଇଟିରେ ଅନ୍ତର୍ଜାତୀୟ ସମ୍ମିଳନୀ



କାର୍ଯ୍ୟକ୍ରମରେ ପୁସ୍ତିକା ଉନ୍ମୋଚନ କରାଯାଉଛି ।

ଗୁଣପୁର, ୧୩।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ଦୁଇ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ଯୁଗରେ କମ୍ପ୍ୟୁଟର ବହୁଳ ବ୍ୟବହାର ହେଉଛି । ତେଣୁ ଏହି ଶିକ୍ଷାକୁ ଉପଯୋଗ କରି ବିଭିନ୍ନ କ୍ଷେତ୍ରରେ ଉନ୍ନତି ଅଣାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିଲଂସ୍ଥିତ ନେହେରୁ ବିଶ୍ୱବିଦ୍ୟାଳୟ ଆଇଟି ବିଭାଗ ଡିନ ପ୍ରଫେସର ଗୌତମ ସାହା ଯୋଗଦେଇ ମୋବାଇଲ , ଲ୍ୟାପଟପ ପ୍ରଭୃତି ଉପକରଣରେ କମ୍ପ୍ୟୁଟର ବିଦ୍ୟାର ପ୍ରୟୋଗ ରହିଛି । ଏହାକୁ ଜିନଜନିତ ରୋଗର ନିରାକରଣରେ ମଧ୍ୟ ପ୍ରୟୋଗ କରାଯାଇ ପାରିବ ବୋଲି କହିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟ ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା ଯୋଗଦେଇ ଶୃଙ୍ଖଳା ଏବଂ କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନିର୍ଦ୍ଦେଶକ ଡ.ଜଗଦିଶ ପଣ୍ଡା, ଜିଆଇଇଟି କୁଳପତି ଡ.ଗୌତମ ଘୋଷ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ । ଅନୁଷ୍ଠାନ ଡିନ ପ୍ରଫେସର ସି.ଭି.ରେଡ୍ଡୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆବାହକ ପ୍ରଫେସର ସଞ୍ଜୟ କୁମାର କଅଁର ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହୋଇଥିଲା। କାର୍ଯ୍ୟକ୍ରମ ପରେ ଅନୁଷ୍ଠାନ ସଭାପତି ଡ.ପଣ୍ଡା ଏବଂ ନୋଏଡା ସ୍ଥିତ ଲାଗେଜନ ଟେକ୍ନୋଲୋଜି ପ୍ରାଃ ଲିମିଟେଡର ମୁଖ୍ୟ ଡ.ବିପୁଲ ବଶିଷ୍ଠଙ୍କ ମଧ୍ୟରେ ଶିକ୍ଷାର ଆଦାନ ପ୍ରଦାନ ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଶେଷରେ ଡ.ଅନିଲ କୁମାର ଧନ୍ୟବାଦ ଦେଇଥିଲେ। ରେଜିଷ୍ଟ୍ରାର ଡ.ଏନ.ଭି.ଜେ. ରାଓ, ଡିନ ଏକାଡେମିକ ପ୍ରଫେସର ଏ.ଭି.ଏନ.ଏଲ ଶର୍ମାଙ୍କ ସମେତ ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ମ୍ୟାନମାର ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରଫେସର ମୋଇ ମିଆନ୍ତ ଏବଂ ପ୍ରଫେସର ସାହାମୋନ ୟି ଓଙ୍ଗ, ହାଇଦ୍ରାବାଦସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଏସ.କେ. ଉଦଗାତା , ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଫେସର ମାନସ ରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ତାଲିମ ଦେଇଥିଲେ ।

## ନଦୀରେ ବୁଡି ଯୁବକଙ୍କ ମୃତ୍ୟୁ

ଫୁଲବାଣୀ ଅଫିସ, ୧୩।୩

ଫୁଲବାଣୀ ଆଦର୍ଶ ଥାନା ଅନ୍ତର୍ଗତ ସାର୍ତ୍ତାଗୁଡା ପାଖ ସାଲୁଙ୍କୀ ନଦୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେହେଲେ ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ ସେସ୍କାଯୋଡି ଗ୍ରାମର ସରୋଜ କୁମାର ଭୁକ୍ତା(୧୮)। ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ଘଟିଥିବା କେହି କହୁଥିବା ବେଳେ ତାଙ୍କ ବାପା ଫିଟ୍‌ସ୍ ଥିଲା ବୋଲି କହିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ କାରଣ ଜଣାପଡିବ। ସୂଚନା ଅନୁଯାୟୀ, ଗତ ୪ ତାରିଖରେ ଘରେ କାହାକୁ ନ ଜଣାଇ ଗ୍ରାମର କିଛି ଯୁବକଙ୍କ ସହ ସରୋଜ ସାର୍ତ୍ତାଗୁଡା ପାଖରେ ଏକ ଇଟା ଭାଟିରେ କାମ କରିବାକୁ ଆସିଥିଲେ। ଗୁରୁବାର ସେ ନିକଟସ୍ଥ ନଦୀକୁ ଗାଧୋଇବା ବେଳେ ସେଠାରେ ବୁଡି ଯାଇଥିଲେ। ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## କୃଷ୍ଣ, ସୁଦାମାଙ୍କ ଭଳି ବନ୍ଧୁ ହେବା ଜରୁରୀ



ପଦ୍ମପୁର, ୧୩।୩(ଡି.ଏନ୍.ଏ.)

ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲ ୧୯୯୬ ମାଟ୍ରିକ ବ୍ୟାଚର ଏକ ବନ୍ଧୁମିଳନ ପଦ୍ମପୁର ବଡନାଳ ପ୍ରୋଜେକ୍ଟ ମଙ୍ଗଳା ମନ୍ଦିରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ୩ଜଣଦିବଂଗତ ଛାତ୍ରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଏକ ସଭାର ଆୟୋଜନ କରାଯାଇଥିଲା। ବନ୍ଧୁତା କୃଷ୍ଣ ସୁଦାମାଙ୍କ ଭଳି ହେବା ଜରୁରୀ ବୋଲି ଆଲୋଚନା ହୋଇଥିଲା। ଏଥିରେ ବ୍ୟାଚର ୬୦ଜଣ ଛାତ୍ର ସାମିଲ ହୋଇଥିଲେ। ନାଚ ଗୀତରେ ସମସ୍ତେ ସମୟ ଅତିବାହିତ କରିଥିଲେ। ବ୍ୟାଚର ରାଜେଶ ସାହୁ, ଲାଲୁ ଦାସ, ସନ୍ତୋଷ ପାଣିଗ୍ରାହୀ, ଗୋଲକ ଜେନା, ପ୍ରସାଦ ପ୍ରଧାନ ଓ ଯଜ୍ଞ ପାଣିଗ୍ରାହୀ ପ୍ରମୁଖ ଦାୟୀତ୍ୱ ନେଇଥିଲେ।

## ଦୃଷ୍ଟିବାଧିତଙ୍କୁ ଉପକରଣ ବଣ୍ଟନ



ବଣ୍ଟନ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଅନ୍ୟମାନେ ।

ରାୟଗଡ଼ା ଅଫିସ , ୧୩।୩

ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଶିକ୍ଷା ବିଭାଗ ତରଫରୁ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ ଏହାକୁ ବଣ୍ଟନ କରିଥିଲେ । ଗତ ଅକ୍ଟୋବର ୧୮ ଏବଂ ୧୯ ତାରିଖରେ ଜିଲାର ସମସ୍ତ ବ୍ଲକରୁ ୧୧୫ ପିଲାଙ୍କୁ ଡ଼କାଇ ସେମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୩୧ ଜଣ ଉପକରଣ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସେହିପରି ୪୬ ଜଣଙ୍କୁ ଚଷମା ପାଇବା ପାଇଁ ଚିହ୍ନଟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିଭାବକମାନଙ୍କୁ ଉପକରଣର ବ୍ୟବହାର କିପରି କରାଯିବ ସେନେଇ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା , ଏଡ଼ିଏମ ଶକ୍ତିବ୍ରତ ମହାନ୍ତି ,ଜିଲା ପ୍ରକଳ୍ପ ସଂଯୋଜିକା ଆନାସ୍ଥେସିଆ କେର୍କେଟା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର ଯୋଗ ଦେଇଥିଲେ । ଜିଲା ସଂଯୋଜକ ସମଗ୍ର ଶିକ୍ଷା ବିଭାଗର ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପିତାମହଲରେ ମଝିଘରିଆଣୀ ମନ୍ଦିର ପ୍ରତିଷ୍ଠା

ରାୟଗଡ଼ା ଅଫିସ, ୧୩।୩

ରାୟଗଡ଼ା ନିକଟସ୍ଥ ପିତାମହଲ ଗ୍ରାମରେ ମା' ମଝିଘରିଆଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ହୋମ, ଯଜ୍ଞ ,ଶଙ୍ଖ, ହୁଳହୁଳିରେ ମନ୍ଦିର କମ୍ପି ଉଠିଛି । ଏ ନେଇ ସଂକୀର୍ତ୍ତନ ମଧ୍ୟ କରାଯାଇଛି । ଗ୍ରାମ ସହ ଆଖପାଖ ଗ୍ରାମରୁ ଉକ୍ତ ଗ୍ରାମର ଶତାଧିକ ଲୋକ ଏହି ପୂଜାରେ ସାମିଲ ହୋଇଥିଲେ। ଏହି ସ୍ଥାନରୁ ପ୍ରଥମେ ଖଣ୍ଡା ଯାଇ ରାୟଗଡ଼ାରେ ସ୍ଥାପିତ କରାଯାଇଛି । ପୂର୍ବରୁ ଏଠାରେ ମା'ଙ୍କ ମନ୍ଦିର ରହିଥିଲା, ହେଲେ ମନ୍ଦିରଟି ଭାଙ୍ଗି ଯିବାରୁ ଏହାର ନୂତନ ମନ୍ଦିର ନିର୍ମାଣ କରାଯାଇଛି । ଶୁକ୍ରବାର ଏହାର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହୋଇଛି ।



ପ୍ରତିଷ୍ଠା ଉତ୍ସବରେ ସଂକୀର୍ତ୍ତନ କରାଯାଉଛି ।

# ୩ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର

**ଗୁଣପୁର ଓକିଲ ସଂଘ ନିର୍ବାଚନ**

ଗୁଣପୁର, ୧୩।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ । ଏଥିଲାଗି ନାମାଙ୍କନପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି । ସଭାପତି ପଦ ଲାଗି ନାମାଙ୍କନ ପତ୍ର ଦାଖଲ କରିଥିବା ୪ ପ୍ରାର୍ଥୀଙ୍କ ମଧ୍ୟରୁ ୨ ପ୍ରତ୍ୟାହାର କରିଛନ୍ତି । ସେମାନେ ହେଲେ ଫଣୀ ଭୂଷଣ ପଟ୍ଟନାୟକ ଏବଂ ରାଜେନ୍ଦ୍ର ପ୍ରସାଦ ପାଢୀ । ସେହିପରି ସମ୍ପାଦକ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ଗୋବିନ୍ଦ ସାହୁ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନେଇଛନ୍ତି । ଶନିବାର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ । ବର୍ତ୍ତମାନ ସଭାପତି ପାଇଁ ଦୁଇ ଜଣ ଯଥା ବ୍ରହ୍ମାନନ୍ଦ ପଟ୍ଟନାୟକ ଏବଂ ଗଦାଧର ପଣ୍ଡାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଥିବାବେଳେ ସମ୍ପାଦକ ପାଇଁ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ବିଷ୍ଣୁ ପାଢୀ ଏବଂ ରମେଶଚନ୍ଦ୍ର ଲିମାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ସଭାପତି ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଥିବାବେଳେ ସମ୍ପାଦକ ପାଇଁ ତ୍ରିମୁଖୀ ଲଢେଇ ହେବା ନିଶ୍ଚିତ ହୋଇପଡିଛି ।

# ବିଳମ୍ବର ଖୁଲାସା ପାଇଁ କମିଟି ହେଉ

**ଗୁଣପୁର-ଥେରୁବାଲି ରେଳପଥ**

- ସଂସଦରେ ଦାବି ଉଠାଇଲେ ସପ୍ତଗିରି
- ପ୍ରକଳ୍ପରେ ବିଳମ୍ବ ପାଇଁ ଅସନ୍ତୋଷ ତେଜୁଛି

ଗୁଣପୁର, ୧୩।୩(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ଭିତରେ ଛନ୍ଦି ହୋଇ ରହିଛି ଗୁଣପୁର-ଥେରୁବାଲି ରେଳପଥ। ପ୍ରକଳ୍ପର ରେଟ୍ ଅଫ୍ ରିଟର୍ନ ୩.୧୯ ଥିବା ଯୋଗୁ କେନ୍ଦ୍ର ସରକାର ଏହାକୁ ଲାଭଦାୟକ ନ ଥିବା ଦର୍ଶାଇବା ସହ ରାଜ୍ୟ ସରକାର ସହଯୋଗ କଲେ ଗୁଣପୁର-ଥେରୁବାଲି ରେଳପଥ ଆଗେଇପାରିବ ବୋଲି ରେଳମନ୍ତ୍ରୀ କହିଥିଲେ। ଏହାପରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଆଲୋଚନା ବେଳେ ରାଜ୍ୟ ସରକାର ମାଗଣା ଜମି ସହ ପ୍ରକଳ୍ପର ଅଧା ଖର୍ଚ୍ଚ ବହନ କରିବାକୁ ରାଜି ଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ରେଳପଥ ପାଇଁ ଆଗ୍ରହୀ ଥିବାବେଳେ କାହିଁକି ଏହା ଆଗେଇ ପାରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି ଉଲ୍ଲାକା। ବିଳମ୍ବର କାରଣ ଖୋଜିବା ପାଇଁ ଏକ କମିଟି ଗଠନ କରିବା ପାଇଁ ସପ୍ତଗିରି ଗୁରୁବାର ସଂସଦରେ ଦାବି ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ, ବହୁ ପ୍ରତୀକ୍ଷିତ ଏହି ରେଳପଥ ଘୋଷଣା ହେବା ପରେ ଲୋକଙ୍କ ମଧ୍ୟରେ ଖୁବ୍ ଉତ୍ସା ଦେଖାଦେଇଥିଲା। କିନ୍ତୁ କାର୍ଯ୍ୟରେ ବିଳମ୍ବ ଯୋଗୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଅସନ୍ତୋଷ ତେଜିବାରେ ଲାଗିଛି। ୨୦୦୬ରେ ଏହି ରେଳପଥ ପାଇଁ ପ୍ରଥମେ ସର୍ଭେ ହୋଇଥିବାବେଳେ ୨୩୨.୩୭ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ୨୦୧୭-୧୮ ବଜେଟରେ ଗୁଣପୁର-ଥେରୁବାଲି ପ୍ରକଳ୍ପକୁ ସାମିଲ କରାଯିବା ସହ ୭୯.୧୫ କିମି ରାସ୍ତା ପାଇଁ ୯୩୫.୭୨ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ୨୦୧୯ ବେଳକୁ ଏହି ଅଟକଳ ବୃଦ୍ଧି ପାଇ ୧୨୩୭.୭୪ କୋଟିରେ ପହଞ୍ଚିଥିଲା। ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ୧ କୋଟି, ଗତ ବର୍ଷ ୧୦ ଲକ୍ଷ ଏବଂ ଚଳିତ ବର୍ଷ ବଜେଟରେ ମାତ୍ର ୧ ଲକ୍ଷ ଟଙ୍କା ଦିଆଯିବା ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

# ଭାଗ୍ୟକୁ ଆଦରି ରହିଛନ୍ତି ୧୫ କିଡ଼ନୀ ରୋଗୀ

**ବିଶ୍ୱ କିଡନୀ ଦିବସ ଆଜି**

ରାୟଗଡ଼ା ଅଫିସ , ୧୩।୩

ରାୟଗଡ଼ା ସହରରେ ରହିଛି ଜିଲା ମୁଖ୍ୟ ଚିକିତ୍ସାଳୟ । ରାୟଗଡ଼ା ଜିଲାରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ରୋଗୀ ଏଠାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଉ ନ ଥିବାରୁ ରାଜ୍ୟ ଓ ରାଜ୍ୟ ବାହାରର ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ସାରା ରାଜ୍ୟର ଜନ ସାଧାରଣ ଅନୁପାତ ଅନୁସାରେ ୧ ଲକ୍ଷରେ ୧୦ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ଜଣାପଡ଼ିଛି । କିଡ୍‌ନୀ ରୋଗର ଚିକିତ୍ସା ନିମନ୍ତେ ନେଫ୍ରଲୋଜି ବିଭାଗ ରହିଥାଏ । କିନ୍ତୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ନେଫ୍ରଲୋଜି ବିଭାଗ ସହ ଏହାର ବିଶେଷଜ୍ଞ ନ ଥିବା ଜଣାପଡ଼ିଛି । ଏଠାରେ ଡାଏଲିସିସ୍‌ର ସୁବିଧା ରହିଛି। ୨୦୧୮ ସେପ୍ଟେମ୍ବର ୧୧ ତାରିଖରୁ ୩ ଟି ଡାଏଲିସିସ୍ ଯନ୍ତ୍ର ସ୍ଥାପନ କରାଯାଇଥିଲା । ରାଜ୍ୟ ସଭା ସଦସ୍ୟ ଏନ ଭାସ୍କର ରାଓ ଏହାର ଶୁଭାରମ୍ଭ କରିଥିଲେ। ରୋଗୀ ରାଜ୍ୟ କିମ୍ବା ରାଜ୍ୟ ବାହାରର ଅନ୍ୟ ଚିକିତ୍ସାଳୟରେ ଡାଏଲିସିସ୍ କରୁଥିଲେ । ଏଠାରେ ଏହାର ସୁବିଧା ହେବା ପରେ ବର୍ତ୍ତମାନ ପର୍ଯ୍ୟନ୍ତ ୬୦ କିଡ୍‌ନୀ ରୋଗୀଙ୍କୁ ଡାଏଲିସିସ୍ ସେବା ନିୟମିତ ଭାବେ ୩ ଟି ମେଶିନ ଦ୍ୱାରା ଯୋଗାଇ ଦିଆଯାଉଛି । ପ୍ରତ୍ୟକ ଦିନ ପ୍ରାୟ ୬ ଟି ନେଗେଟିଭ ଓ ୩ ଟି ପଜିଟିଭ କେସର ଡାଏଲିସିସ୍ କରାଯାଉଛି । କିନ୍ତୁ ମେଶିନ ଅଭାବରୁ ୧୫ କୀଡ଼ନୀ ରୋଗୀ ଡାଏଲିସିସ୍ ଅଭାବରୁ ଭାଗ୍ୟ କୁ ଆଦରି ରହିଛନ୍ତି। କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଜିଲାରେ ଅଧିକ ରହିଛି। ଚିକିତ୍ସାଳୟରେ ଏହି ସୁବିଧା ନ ପାଇ ସେମାନେ ଅନ୍ୟ ସ୍ଥାନକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ଜଣାଯାଇଛି । ଏ ନେଇ ସିଡ଼ିଏମଓ ଆର୍ତ୍ତବନ୍ଧୁ ନାୟକଙ୍କୁ ପଚାରିବାରୁ, ଜିଲାରେ କୀଡ଼ନୀ ରୋଗୀଙ୍କ ଚିକିତ୍ସା ନିମନ୍ତେ ଆହୁରି ୨ ଟି ମେଶିନ ଯୋଗାଇ ଦେବା ଲାଗି ସ୍ୱାସ୍ଥ୍ୟ ବିଭାଗକୁ ଜଣାଯାଇଛି । ମାର୍ଚ୍ଚ ସୁଦ୍ଧା ୨ ଟି ମେଶିନ ଆସିବାର ସମ୍ଭାବନା ଥିବା କହିଛନ୍ତି ।




ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ।

